# ସୁସମ୍ବାଦ କାହାଣୀ ପୁସ୍ତିକା

## ପାଞ୍ଚ



ଏହା ମୋର ଶୁଭ ସମ୍ବାଦ ବହି ପାଞ୍ଚ

ମୋର ନାମ

---

ମୁଁ ମୋର ସୁସମ୍ବାଦ କାହାଣୀ ବହି ପାଞ୍ଚ ପଢି ପାରୁଛି

ଏହି କାହାଣୀଗୁଡିକ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପବିତ୍ର ପୁସ୍ତକରୁ ନିଆଯାଇଅଛି ।
ଏହି କାହାଣୀ ବହିରେ ଥିବା ସମସ୍ତ ଚିତ୍ରାଙ୍କନ ଭାରତୀୟ ଜନଜାତି ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ।
ସୁସମ୍ବାଦ କାହାଣୀ ପୁସ୍ତିକାର ପାଞ୍ଚ । କାର୍ଯ୍ୟକ୍ରମ ନିୟମାବଳୀ 2015 ସଂକଳନ । ଭାରତରେ
ପ୍ରକାଶିତ । ଅଧିକ ଜାଣିବା ପାଇଁ: WBTC India, P.O. Box 8478, Bangalore 560084.
Email: info@wbtcindia.com କୁ ଯୋଗାଯୋଗ କରନ୍ତୁ ।







ସୃଷ୍ଟିକର୍ତ୍ତା ଈଶ୍ୱର ଏହି ୍ଥାନରେ ଅଛନ୍ତି !............2-19
ମୁଁ ଦେଖିପାରୁଛି........................................20-29
ଶାନ୍ତି ଦାତା..............................................30-36

# ସୃଷ୍ଟିକର୍ତ୍ତା ଈଶ୍ୱର ଏହି ସ୍ଥାନରେ ଅଛନ୍ତି!

ସୃଷ୍ଟିକର୍ତ୍ତା ଈଶ୍ୱର ଏହିପରି କହୁଥିବାର
ମୁଁ ଶୁଣି ପାରୁଛି,
'ମୁଁ ତୁମକୁ ଚିରକାଳ ପାଇଁ, ଚିରକାଳ ପାଇଁ,
ଚିରକାଳ ପାଇଁ ଉଦ୍ଧାର କରିବି ।'

ଜଣେ ଯୁବତୀଙ୍କୁ ମୁଁ ଦେଖିପାରୁଛି ।
ଯାହାଙ୍କ ନାମ ମରିୟମ ।







ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଏକ ଉତ୍ତମ ଆତ୍ମା
ମରିୟମଙ୍କୁ କହୁଥିବା ମୁଁ ଶୁଣିପାରୁଛି,
'ତୁମ୍ଭର ଗୋଟେ ପୁତ୍ର ସନ୍ତାନ ହେବ ।
ତାହାଙ୍କ ନାମ ଯୀଶୁ ଦିଆଯିବ ।
ଯୀଶୁ ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କର
ଆତ୍ମାଙ୍କଠାରୁ ଆଗତ ।
ଯୀଶୁ ତୁମକୁ ଚିରକାଳ ପାଇଁ, ଚିରକାଳ
ପାଇଁ, ଚିରକାଳ ପାଇଁ ଉଦ୍ଧାର କରିବେ ।'

ଜଣେ ଯୁବାଙ୍କୁ ମୁଁ ଦେଖିପାରୁଛି ।
ଯାହାଙ୍କ ନାମ ଯୋଷେଫ ।
ଯୋଷେଫଙ୍କର ପୂର୍ବପୁରୁଷଗଣ
ଦାଉଦଙ୍କ ଗୋଷ୍ଠୀ ।
ରାଜା ଦାଉଦ ଅବ୍ରହାମଙ୍କ ଗୋଷ୍ଠୀରୁ ଜାତ ।







ସୃଷ୍ଟିକର୍ତ୍ତା ଈଶ୍ୱର ଏକ ଉତ୍ତମ ଆତ୍ମାକୁ
ଏପରି କହୁଥିବା ମୁଁ ଶୁଣିପାରୁଛି,
'ଯୋଷେଫଙ୍କୁ ଯାଇ କୁହ ଯେ ମରିୟମ
ତୁମର ସ୍ତ୍ରୀ ହେବା ପାଇଁ ମନୋନୀତା ।
ମରିୟମଙ୍କ ଗୋଟିଏ ପୁଅ ହେବ ।
ତାହାଙ୍କ ନାମ ଯୀଶୁ ଦିଆଯିବ ।
ଯୀଶୁ ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କ
ଆତ୍ମାଙ୍କଠାରୁ ଆନ୍ନିତ ।
ଯୀଶୁ ତୁମକୁ ଚିରକାଳ ପାଇଁ, ଚିରକାଳ
ପାଇଁ, ଚିରକାଳ ପାଇଁ ଉଦ୍ଧାର କରିବେ ।'

ସୃଷ୍ଟିକର୍ତ୍ତା ଈଶ୍ୱର ଆସୁଅଛନ୍ତି...





କିଛି ସମୟ ବିତିଗଲା ।

ମୁଁ ଦେଖିପାରୁଛି ସୃଷ୍ଟିକର୍ତ୍ତା ପରମେଶ୍ୱର
ଗୋଟିଏ ନୂଆ ତାରକା ରାତ୍ରିର
ଆକାଶରେ ସୃଷ୍ଟି କରୁଛନ୍ତି ।

ସେହି ନୂଆ ତା'ରା ପ୍ରଜ୍ୱଳିତ...ପ୍ରଜ୍ୱଳିତ...
ପ୍ରଜ୍ୱଳିତ ହେଉଛି ।

ପଣ୍ଡିତମାନଙ୍କୁ ରାତ୍ରିରେ ଆକାଶକୁ ଅନାଇ...
ଅନାଇ...ଅନାଇ ରହିଥିବା ମୁଁ ଦେଖିପାରୁଛି ।
ସେହି ନୂଆ ତା'ରା ନିର୍ଦ୍ଦେଶ ଦେଉଛି...
ନିର୍ଦ୍ଦେଶ ଦେଉଛି...ନିର୍ଦ୍ଦେଶ ଦେଉଛି ।







ପଣ୍ଡିତମାନେ ନୂତନ ତାରାର ଅନୁସରଣ
କରୁଥିବା, ଛୋଟ ଏକ ସହର ମଧ୍ୟରେ...
ଛୋଟ ଏକ ରାସ୍ତା ଉପରେ...ଛୋଟ
ଏକ କୁଡିଆ ଭିତରେ ମୁଁ ଦେଖିପାରୁଛି ।
ଯୋଷେଫ, ତା'ଙ୍କ ସ୍ତ୍ରୀ ମରିୟମ ଏବଂ
ସେହି ଛୋଟ ଶିଶୁ ବାଳକ ଯୀଶୁଙ୍କୁ ମୁଁ
ଦେଖିପାରୁଛି ।

ସୃଷ୍ଟିକର୍ତ୍ତା ଈଶ୍ୱର ଏହିପରି କହୁଥିବାର
ମୁଁ ଶୁଣି ପାରୁଛି,
'ଏହି ଛୋଟ ଶିଶୁ ବାଳକ ଯୀଶୁ ଯେ'କି
ତୁମ୍ଭକୁ ଚିରକାଳ ପାଇଁ, ଚିରକାଳ ପାଇଁ,
ଚିରକାଳ ପାଇଁ ଉଦ୍ଧାର କରିବେ ।'







ପଣ୍ଡିତମାନଙ୍କୁ ସେହି ଶିଶୁ ବାଳକ
ଯୀଶୁଙ୍କ ଉଦ୍ଦେଶ୍ୟରେ ଗାନ କରୁଥିବା
ମୁଁ ଦେଖିପାରୁଛି ।
ତୁମ୍ଭକୁ ଚିରକାଳ ପାଇଁ, ଚିରକାଳ ପାଇଁ,
ଚିରକାଳ ପାଇଁ ଉଦ୍ଧାର କରିବାପାଇଁ
ସୃଷ୍ଟିକର୍ତ୍ତା ଈଶ୍ୱର ଛୋଟ ଶିଶୁ ବାଳକ
ରୂପରେ ଆସିଛନ୍ତି ।
ସୃଷ୍ଟିକର୍ତ୍ତା ଈଶ୍ୱର ଏହି ସ୍ଥାନରେ ଅଛନ୍ତି !



ସେହି ରାତ୍ରିରେ...

ମୁଁ ମେଷପାଳକମାନଙ୍କୁ ଦେଖି ପାରୁଛି ।

ମୁଁ ମେଷମାନଙ୍କୁ ଦେଖିପାରୁଛି ।







ସୃଷ୍ଟିକର୍ତ୍ତା ଈଶ୍ୱର ଏକ ଉତ୍ତମ ଆତ୍ମାକୁ
ଏପରି କହୁଥିବା ମୁଁ ଶୁଣିପାରୁଛି,
'ଯାଅ ଏବଂ ମେଷପାଳକମାନଙ୍କୁ
କୁହ, ଭୟକରନାହିଁ, ମୁଁ ତୁମ୍ଭମାନଙ୍କୁ
ସୁସମାଚାର ଦେଉଛି ।

ଯୀଶୁ ତୁମକୁ ଚିରକାଳ ପାଇଁ, ଚିରକାଳ
ପାଇଁ, ଚିରକାଳ ପାଇଁ ଉଦ୍ଧାର କରିବା
ନିମନ୍ତେ ଏଠାରେ ଅଛନ୍ତି ।'

ମୁଁ ଦେଖିପାରୁଛି, ଏକ ବଡ଼, ବଡ଼, ବଡ଼
ଉଜ୍ଜ୍ୱଳ ଆଲୋକ ।
ମୁଁ ଦେଖିପାରୁଛି, ବଡ଼, ବଡ଼, ବଡ଼ ଉଜ୍ଜ୍ୱଳ
ଆଲୋକଟି ହେଉଛନ୍ତି ଭଲ ଆତ୍ମା ।







ଉତ୍ତମ ଆତ୍ମାମାନେ ମେଷପାଳକମାନଙ୍କୁ
ଏପରି କହୁଥିବା ମୁଁ ଶୁଣିପାରୁଛି,
'ଭୟକରନାହିଁ, ମୁଁ ତୁମ୍ଭକୁ ଶୁଭ
ସମ୍ବାଦ ଦେବି ।
ଯୀଶୁ ତୁମକୁ ଚିରକାଳ ପାଇଁ, ଚିରକାଳ
ପାଇଁ, ଚିରକାଳ ପାଇଁ ଉଦ୍ଧାର କରିବା
ନିମନ୍ତେ ଏଠାରେ ଅଛନ୍ତି ।'

ଏକ...ଦୁଇ...ତିନି...ଚାରି...ପାଞ୍ଚ...ଛଅ...
ସାତ...ବହୁତ...ବହୁତ...ବହୁତ... ଭଲଆତ୍ମା
ମାନେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ
ଗାନ କରୁଛନ୍ତି ମୁଁ ଦେଖିପାରୁଛି ।







ବହୁତ, ବହୁତ, ବହୁତ, ଭଲ ଆତ୍ମାମାନେ
ଏପରି କହୁଥିବା ମୁଁ ଶୁଣିପାରୁଛି,
'ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାନ କର ।
ଯେଉଁମାନେ ସୃଷ୍ଟିକର୍ତ୍ତା ଈଶ୍ୱର ତଥା
ଯୀଶୁଙ୍କ ଉଦ୍ଦେଶ୍ୟରେ ଗୀତ ଗାନ
କରନ୍ତି ସେମାନଙ୍କ ପ୍ରତି ଶାନ୍ତି ବର୍ତ୍ତୁ ।'

ବହୁତ, ବହୁତ, ବହୁତ, ଭଲ ଆତ୍ମାସକଳ
ଉର୍ଦ୍ଧ୍ୱକୁ...ଉର୍ଦ୍ଧ୍ୱକୁ...ଉର୍ଦ୍ଧ୍ୱକୁ...ଆକାଶ ମଧ୍ୟକୁ
ଯାଉଥିବାର ମୁଁ ଦେଖିପାରୁଛି ।
ମେଷପାଳକମାନେ ସେହି ଯୀଶୁଙ୍କ
ଉଦ୍ଦେଶ୍ୟରେ ଗୀତ ଗାନ କରିବାର
ମୁଁ ଦେଖିପାରୁଛି ।







ତୁମ୍ଭକୁ ଚିରକାଳ ପାଇଁ, ଚିରକାଳ ପାଇଁ,
ଚିରକାଳ ପାଇଁ ଉଦ୍ଧାର କରିବାପାଇଁ
ସୃଷ୍ଟିକର୍ତ୍ତା ଈଶ୍ୱର ଛୋଟ ଶିଶୁ ବାଳକ
ରୂପରେ ଆସିଛନ୍ତି ।
ସୃଷ୍ଟିକର୍ତ୍ତା ଈଶ୍ୱର ଏହି ସ୍ଥାନରେ ଅଛନ୍ତି !

# ମୁଁ ଦେଖିପାରୁଛି

ଅନେକ ବର୍ଷ ବିତିଗଲା ।

ସେହି ଶିଶୁ ବାଳକ ଯୀଶୁ ବର୍ତ୍ତମାନ ପ୍ରାପ୍ତ ବୟସ୍କ ପୁରୁଷ ।

ଆଜି ବଜାର ଦିନ ।

ଅନେକ ଲୋକଙ୍କୁ ସହର ଭିତରେ ମୁଁ ଦେଖିପାରୁଛି ।

ମୁଁ ଜଣେ ପୁରୁଷଙ୍କୁ ଦେଖିପାରୁଛି ।

ସେ ଅନ୍ଧ ।







ଯୀଶୁଙ୍କ ଅନୁଗମନକାରୀମାନେ ଏପରି କହୁଥିବା ମୁଁ ଶୁଣିପାରୁଛି, 'ଏହି ଅନ୍ଧ ପୁରୁଷ କ'ଣ କୌଣସି ଖରାପ କାମ କରିଥିବାରୁ ଅନ୍ଧ ଭାବେ ଜନ୍ମ ହୋଇଛି ?'

ଯୀଶୁ ତା'ଙ୍କ ଅନୁଗମନକାରୀଙ୍କୁ ଏପରି
କହୁଥିବା ମୁଁ ଶୁଣିପାରୁଛି,
'ନା, ସେ କୌଣସି ଖରାପ କାମ କରିନାହିଁ,
ଯାହାଫଳରେ କି ସେ ଅନ୍ଧ ଭାବେ ଜନ୍ମ
ଲାଭ କଲା ।
ତୁମେ ଯେପରି ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଶକ୍ତି
ଦେଖିପାର ସେଥିପାଇଁ ସେ ଜନ୍ମାନ୍ଧ ଅଟେ ।
ମୁଁ ଯୀଶୁ ତୁମକୁ ଉଦ୍ଧାର କରିପାରେ ।'







ଯୀଶୁ ସେହି ଅନ୍ଧ ପୁରୁଷ ବ୍ୟକ୍ତିଙ୍କୁ ସ୍ପର୍ଶ
କରିବାର ମୁଁ ଦେଖିପାରୁଛି ।
ବର୍ତ୍ତମାନ ସେହି ଅନ୍ଧ ପୁରୁଷ ବ୍ୟକ୍ତିଟି
ଦେଖିପାରୁଛି ।
ଯୀଶୁ ଏପରି କହୁଥିବା ମୁଁ ଶୁଣିପାରୁଛି,
'ମୁଁ ଜଗତର ଜ୍ୟୋତିଃ ।'

ଜଣେ ଆତ୍ମିକ ନେତା ସେହି ଅନ୍ଧ ପୁରୁଷ
ଯେ ବର୍ତ୍ତମାନ ଦେଖିପାରୁଛି, ତା'ଙ୍କୁ ଏପରି
କହୁଥିବା ମୁଁ ଶୁଣିପାରୁଛି,
'ତୁମକୁ ସ୍ପର୍ଶ କରିଥିବା ପୁରୁଷ କିଏ
ହୋଇଥିବେ ବୋଲି ତୁମେ କହୁଅଛ ?'







ସେହି ଅନ୍ଧ ପୁରୁଷ, ଯେ ବର୍ତ୍ତମାନ
ଦେଖିପାରୁଛି, ଏପରି କହୁଥିବା
ମୁଁ ଶୁଣିପାରୁଛି,
'ଯେଉଁ ପୁରୁଷ ମୋତେ ସ୍ପର୍ଶ କଲେ
ସେ ହେଉଛନ୍ତି ଯୀଶୁ ।
ତୁମକୁ ଚିରକାଳ ପାଇଁ, ଚିରକାଳ ପାଇଁ,
ଚିରକାଳ ପାଇଁ ଉଦ୍ଧାର କରିବାକୁ ଯୀଶୁ
ଧରାପୃଷ୍ଠକୁ ଆସିଅଛନ୍ତି ।'

ମୁଁ ଦେଖିପାରୁଛି ଆଧ୍ୟାତ୍ମିକ ନେତାମାନେ ବର୍ତ୍ତମାନ ଦେଖିପାରୁଥିବା ଅନ୍ଧ ପୁରୁଷଙ୍କୁ ସହର ମଧ୍ୟରୁ ବାହାର କଲେ ।







ଯୀଶୁ ବର୍ତ୍ତମାନ ଦେଖିପାରୁଥିବା ଅନ୍ଧ ପୁରୁଷଙ୍କୁ ଏପରି କହୁଥିବା ମୁଁ ଶୁଣିପାରୁଛି, 'ମୁଁ କିଏ ବୋଲି ତୁମେ କହୁଅଛ ?'

ସେହି ଅନ୍ଧ ପୁରୁଷ, ଯେ ବର୍ତ୍ତମାନ ଦେଖିପାରୁଛି,
ଯୀଶୁଙ୍କୁ ଏପରି କହୁଥିବା ମୁଁ ଶୁଣିପାରୁଛି,
'ତୁମେ ମୋତେ ଚିରକାଳ ପାଇଁ,
ଚିରକାଳ ପାଇଁ, ଚିରକାଳ ପାଇଁ ରକ୍ଷା
କରିବାକୁ ଧରାପୃଷ୍ଠକୁ ଆସିଲ ।
ତୁମେ ଜଗତର ଜ୍ୟୋତିଃ ।'







ଯୀଶୁ ଜଗତର ଜ୍ୟୋତିଃ ।
ଅନ୍ଧକାରକୁ ଦୂର କରିବା ପାଇଁ କେବଳ
ଯୀଶୁଙ୍କ ନିକଟରେ ଶକ୍ତି ଅଛି ।
ସୃଷ୍ଟିକର୍ତ୍ତା ଈଶ୍ୱର ଏହି ସ୍ଥାନରେ ଅଛନ୍ତି !

# ଶାନ୍ତି ଦାତା

ଅନ୍ୟ ଏକ ଦିନ, ଅନ୍ୟ ଏକ ସମୟ,
ଅନ୍ୟ ଏକ ସ୍ଥାନ ।

ମୁଁ ଜଣେ ପୁରୁଷଙ୍କୁ ଦେଖିପାରୁଛି ।

ତା'ଙ୍କର ନାମ ଶିମୋନ ।







ଶିମୋନ ଯୀଶୁଙ୍କୁ ଏପରି କହୁଥିବା
ମୁଁ ଶୁଣି ପାରୁଛି,
'ଦୟାକରି ମୋ' ଘରକୁ ଆସନ୍ତୁ ।'
ଶିମୋନ ଓ ଯୀଶୁଙ୍କୁ, ଶିମୋନଙ୍କ ଗୃହ
ଭିତରେ ଥିବାର ମୁଁ ଦେଖିପାରୁଛି ।

ମୁଁ ଜଣେ ନାରୀକୁ ମଧ୍ୟ ଶିମୋନଙ୍କ ଗୃହରେ
ଦେଖିପାରୁଛି ।
ସେହି ନାରୀ ଅନେକ ଖରାପ କାମ କରିଥିଲା ।
ସେହି ନାରୀଟିକୁ ଯୀଶୁଙ୍କ ପାଦତଳେ ପଡୁଥିବା
ମୁଁ ଦେଖିପାରୁଛି ।








ସେହି ନାରୀଟି କାନ୍ଦୁଥିବା ମୁଁ
ଦେଖିପାରୁଛି ।
ତାହାର ଲୁହ ଯୀଶୁଙ୍କ ପାଦ
ଉପରେ ପଡୁଛି ।

ସେହି ନାରୀଟି ତା'ର କେଶରେ ଯୀଶୁଙ୍କ
ପାଦକୁ ପୋଛୁଥିବା ମୁଁ ଦେଖିପାରୁଛି ।







ସେହି ନାରୀକୁ ଯୀଶୁ ଏପରି
କହୁଥିବା ମୁଁ ଶୁଣିପାରୁଛି
'ତୁମ ଜୀବନର ସମସ୍ତ ଖରାପ
ବିଷୟକୁ ମୁଁ କ୍ଷମା ଦେଉଛି ।
ଶାନ୍ତିରେ ଯାଅ ।'

କେବଳ ଯୀଶୁ ହିଁ ଶାନ୍ତିଦାତା ।
ଅନ୍ଧକାରକୁ ଦୂର କରିବା ପାଇଁ କେବଳ
ଯୀଶୁଙ୍କ ନିକଟରେ ଶକ୍ତି ଅଛି ।
ସୃଷ୍ଟିକର୍ତ୍ତା ଈଶ୍ୱର ଏହି ସ୍ଥାନରେ ଅଛନ୍ତି !

